## ସଂକ୍ଷେପରେ

### ଯୁକ୍ତ ୩ ସ୍ନାତକ ପରୀକ୍ଷା ଗୀତାରାଣୀ ଓଡ଼ିଆ ଟପ୍ପର



ଚିକିଟି,୧୭।୯(ଡି.ଏନ୍.ଏ.): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଯୁକ୍ତ ତିନି ସ୍ନାତକ ଶେଷବର୍ଷ ପ୍ରକାଶିତ ପରୀକ୍ଷାରେ ଚିକିଟି ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଛାତ୍ରୀ ଗୀତାରାଣୀ ବିଷୋୟୀ ୧୧୯୫ ନମ୍ବର ରଖି ଟପ୍ପର ହୋଇଛନ୍ତି। ଚିକିଟି ନିକଟସ୍ଥ ମାଉନ୍ଦପୁରର ଗୀତାରାଣୀ ପିଲାଟି ଦିନରୁ ମେଧାବୀ ଛାତ୍ରୀ ଥିଲେ। ପିତା ବିଜୟ ବିଷୋୟୀ, ମା' ସବିତାଙ୍କ ପ୍ରେରଣା ଓ ଗୁରୁଜନଙ୍କ ଆଶୀର୍ବାଦରେ ପଞ୍ଚମ ଶ୍ରେଣୀରେ ବୃତ୍ତି ଓ ହାଇସ୍କୁଲ ସ୍ତରରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ହାସଲ କରିଥିଲେ ମଧ ଚିକିଟି କଲେଜରେ ଅଧ୍ୟୟନରତ ସମୟରେ ମାତୃଭାଷା ଓଡ଼ିଆ ପ୍ରତି ତାଙ୍କର ମମତ୍ୱବୋଧ ବୃଦ୍ଧି ପାଇଥିଲା। ଓଡ଼ିଆରେ ଟପ୍ପର ହୋଇ ନିଜର ଏହି ସଫଳତା ପାଇଁ ଅଧକ୍ଷ ଡ.ଭବାନୀ ପ୍ରସାଦ ପଣ୍ଡା ଓ ଓଡ଼ିଆ ବିଭାଗର ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଡ. ଅଲେଖ ପ୍ରଧାନ, ଡ. ସଞ୍ଜୟ କୁମାର ପଣ୍ଡା, ଡ. ବିଶ୍ୱନାଥ ପାଣିଗ୍ରାହୀ, ପ୍ରକାଶ ବେହେରା ପ୍ରମୁଖ ଗୁରୁଜନମାନଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି। ଏହି ଅବସରରେ ଅଧକ୍ଷ ଡ. ଭବାନୀ ପ୍ରସାଦ ପଣ୍ଡାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ, ଗୀତାରାଣୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ମୋଟର ଚାଳକ ଦିବସ

ଜି.ଉଦୟଗିରି,୧୭।୯(ଡି.ଏନ.ଏ.):ମୋଟର ଚାଳକ ସଂଘ ଜି.ଉଦୟଗିରି ଶାଖା ପକ୍ଷରୁ ମୋଟର ଚାଳକ ଦିବସ ଶୁକ୍ରବାର ନୂତନ ହାଟପଦା ପରିସର ମଧ୍ୟରେ ପାଳିତ ହୋଇଯାଇଛି। ଜି.ଉଦୟଗିରି ଚାଳକ ସଂଘର ସମସ୍ତ କର୍ମୀ ଉପସ୍ଥିତ ରହି ଚାଳକମାନଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଡ୍ରାଇଭରମାନେ କିପରି ଅନ୍ୟମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି ସେ ସମ୍ପର୍କରେ ଜି.ଉଦୟଗିରି ମୋଟର ଚାଳକ ସଂଘର ସଭାପତି କମଳ କୁମାର ସାହୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି କମଳ କୁମାର ସାହୁ, ଉପସଭାପତି ଅମରେନ୍ଦ୍ର ନାୟକ, ସହ ସମ୍ପାଦକ ଉମାଶଙ୍କର ସାହୁ, କୋଷାଧକ୍ଷ ଶିଙ୍ଗିରାଜ ପ୍ରଧାନଙ୍କ ସମେତ ଜି.ଉଦୟଗିରି ମୋଟର ଚାଳକ ସଂଘର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

### ଦିବ୍ୟାଙ୍ଗ ପିଲାଙ୍କ ଥେରାପି ଶିବିର

ଧରାକୋଟ,୧୭।୯(ଡି.ଏନ୍.ଏ.): ସର୍ବଶିକ୍ଷା ଅଭିଯାନ ଗଞ୍ଜାମ ଆନୁକୂଲ୍ୟରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପରାମର୍ଶକ୍ରମେ ମଝିସାହି ପ୍ରାଥମିକ ବିଦ୍ୟାଳୟ ଧରାକୋଟଠାରେ ଦୁଇ ଦିନ ଧରି ଦିବ୍ୟାଙ୍ଗ ପିଲାଙ୍କ ଥେରାପି ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଇଓ ଭାଗୀରଥି ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଡାଳିମ୍ବ ନାଇକ, ଏବିଇଓ ପ୍ରଦୀପ କୁମାର ହୋତା ଉପସ୍ଥିତ ଥିଲେ। ୮୦ଜଣ ଅଭିଭାବକ ଓ ଛାତ୍ରଛାତ୍ର ତିନି ଦିନ ଧରି ତାଲିମରେ ଅଂଶଗ୍ରହଣ କରିଥିଲେ। ବ୍ଲକ ସମ୍ବଳ ଶିକ୍ଷକ ସତ୍ୟବାନ ପଣ୍ଡା ଶିବିରକୁ ପରିଚାଳନା କରିଥିଲେ। ବୁଗୁଡ଼ା ବିଆରଟି ସୋନାଲିନ ପଣ୍ଡା, ଦିଗପହଣ୍ଡି ବିଆରଟି ସୁଶାନ୍ତ ପ୍ରଧାନ, ସୋରଡ଼ା ବିଆରଟି ଜଗନ୍ନାଥ ବେହେରାଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ବେହେରା, ଲୋହିତ ପ୍ରଧାନ, ରମାକାନ୍ତ ବଳିଆରସିଂ ତାଲିମ ପ୍ରଦାନ କରିଥିବା ବେଳେ ସେଚ୍ଛାସେବୀ ସଞ୍ଜୟ ସେଠୀ ଓ ଶିବଶଙ୍କର ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଓରମାସ୍ ପକ୍ଷରୁ ତାଲିମ ଶିବିର

ଫୁଲବାଣୀ ଅଫିସ/ସାରଙ୍ଗଡ,୧୭।୯: କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ସାରଙ୍ଗଡ ପଞ୍ଚାୟତରେ ଓରମାସ ପକ୍ଷରୁ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସମିତି ସଭ୍ୟ ଜୟସେନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିର ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳର କର୍ମଜୀବୀ ମହିଳାଙ୍କ କିପରି ଆର୍ଥିକ ଉନ୍ନତି ହେବ, କ'ଣ କଲେ ସେମାନେ ଆଗକୁ ବଢ଼ିପାରିବେ, ଗ୍ରୁପ ମାଧମରେ କାମ କରି ଏକାଠି ରୋଜଗାର କରିବେ ତାହା ଉପରେ ତାଲିମଦାତା ଗାନ୍ଧୀ ସାହୁ, ବସନ୍ତ ପ୍ରଧାନ ଉପସ୍ଥିତ ମହିଳାମାନଙ୍କୁ ବୁଝାଇଥିଲେ। କୁକୁଡା, ଛେଳି, ମାଛ ଚାଷ କିପରି କରାଯିବ ଏବଂ ଏଥିପାଇଁ ଥିବା ସରକାରୀ ସହାୟତା ସମ୍ପର୍କରେ ଅବଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ପିତାମ୍ବର ଦେହୁରୀ, ରବିନ୍ଦ୍ର ପାଣିଗ୍ରାହୀ, ପ୍ରିୟଙ୍କା ପାଢ଼ୀ ପ୍ରମୁଖ ଯୋଗଦେଇ ସେମାନଙ୍କ ମତ ରଖିଥିଲେ।
ସାରଙ୍ଗଡ ବସୁନ୍ଧରା ମହିଳା ଗ୍ରୁପ ସଦସ୍ୟ ତାଲିମ ଗ୍ରହଣ କରିଥିଲେ।

# ଐତିହ୍ୟସମ୍ପନ୍ନ କୀର୍ତ୍ତି ଭାସ୍କର୍ଯ୍ୟର ହେବ ରକ୍ଷଣାବେକ୍ଷଣ

## କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ନିର୍ଦ୍ଦେଶ

ଛତ୍ରପୁର,୧୭।୯(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଆବେଦନ କରିଥିବା ଜିଲାର କଳାକାରମାନେ ଯେପରି ହତାଶ ନ ହେବେ ସେଥିପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଭିଡିଓ କନଫରେନ୍ସ ବୈଠକରେ ଅଧକ୍ଷତା କରି କହିଛନ୍ତି। ତାଲିକା ପ୍ରସ୍ତୁତି ସମୟରେ ବୟୋଜ୍ୟେଷ୍ଠ କଳାକାରମାନେ ଯେପରି ଉପେକ୍ଷିତ ନ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲା ସଂସ୍କୃତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କଳାକାର ସେମାନଙ୍କ ଆବେଦନପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ କିମ୍ବା ଜିଲା ସଂସ୍କୃତି ଅଧିକାରୀଙ୍କଠାରେ ସିଧାସଳଖ ଦାଖଲ କରିପାରିବେ। ଜିଲା ସଂସ୍କୃତି ଅଧିକାରୀ ତାଲିକା ପ୍ରସ୍ତୁତ କରିବେ। ଭୂମିହୀନ, ଗୃହହୀନ କଳାକାର ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କୁ କୁହାଯାଇଛି। କୋଭିଡ୍ ସମୟରେ ଯେଉଁ କଳାକାରମାନେ କରୋନା ସତର୍କତା ନିୟମ ପ୍ରଚାରପ୍ରସାର କାର୍ଯ୍ୟରେ ନିୟୋଜିତ ଥିଲେ ସେମାନଙ୍କୁ ଜିଲା ପ୍ରଶାସନ ପ୍ରଶଂସାପତ୍ର ପ୍ରଦାନ କରିବ। ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି ପ୍ରତିଯୋଗିତା ଆସନ୍ତା ୨୮ ଏବଂ ୨୯ ତାରିଖରେ ଜିଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହେବ । ଏଠାରେ କୃତକାର୍ଯ୍ୟ ହେବା କଳାକାରମାନଙ୍କୁ ରାଜ୍ୟସ୍ତରୀୟ ଲୋକକଳା ମହୋତ୍ସବରେ ଭାଗନେବାକୁ ପଠାଯିବ। ଜିଲାରେ ଥିବା ଭାଗବତ ଟୁଙ୍ଗୀଗୁଡ଼ିକୁ ଚିହ୍ନଟ କରି ୧୧୬ଟି ଟୁଙ୍ଗୀର ନାମ ତାଲିକା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଗୁଡ଼ିକୁ ୫୦ ହଜାର ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯିବ । ସେହିପରି ଜିଲାର ପାଠାଗାର ଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପାଠାଗାର ମାନଙ୍କରେ ଆବଶ୍ୟକ ରହିଥିବା ପୁସ୍ତକ ଯୋଗାଇବା ସମ୍ପର୍କରେ ସଂସ୍କୃତି ବିଭାଗ ସହିତ ଯୋଗାଯୋଗ କରାଯିବ । ଜିଲାରେ ଥିବା ୨୩୪ଟି ଐତିହ୍ୟ ସମ୍ପନ୍ନ କୀର୍ତ୍ତି ଭାସ୍କର୍ଯ୍ୟର ରକ୍ଷଣାବେକ୍ଷଣ, ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ ଦିଗରେ କାର୍ଯ୍ୟ ଖସଡା ପ୍ରସ୍ତୁତି ନିମନ୍ତେ କୁହାଯାଇଛି। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ସମସ୍ତ ଉପଜିଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

# ଅପରାଧ ସମୀକ୍ଷା କଲେ ଏସ୍‌ପି

ଛତ୍ରପୁର,୧୭।୯(ଡି.ଏନ୍.ଏ.):

ଗଞ୍ଜାମ ପୋଲିସ ଜିଲାର ସ୍ୱତନ୍ତ୍ର ଅପରାଧ ସମୀକ୍ଷା ବୈଠକ ଏସ୍‌ପି ବ୍ରିଜେଶ କୁମାର ରଏଙ୍କ ଅଧକ୍ଷତାରେ ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ହୋଇଯାଇଛି । ଅପରାଧୀ, ପୁରୁଣା ୱାରେଣ୍ଟ, ମାଦକ ଦ୍ରବ୍ୟ କାରାବାର ଧରପଗଡ ସହ ଯାନବାହାନ ଯାଞ୍ଚ କଡାକଡି କରିବା ଓ ବିଶୃଙ୍ଖଳା ହେଉଥିବା ସ୍ଥଳରେ ଠିକ୍ ସମୟରେ ପହଞ୍ଚି ସମୟୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସପି ପରାମର୍ଶ ଦେଇଛନ୍ତି । ଏଥିସହ ବିଭିନ୍ନ ଥାନାରେ ପଡିରହିଥିବା ବିଭିନ୍ନ ମାମଲାର ତ୍ୱରନ୍ତ ଫଇସଲା କରିବାକୁ କହିଛନ୍ତି। ନିୟମିତ ଜୁଆଆଡ୍ଡା ଓ ବେଆଇନ ମଦ କାରାବାର ଉପରେ ଚଢାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପି ସମସ୍ତ ଥାନା ଅଧିକାରୀମାନଙ୍କୁ କହିଥିଲେ। ଲୋକେ ଯେପରି ଠିକ ସମୟରେ ନ୍ୟାୟ ପାଇବେ ସେ ଦିଗରେ ସଚେତନ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକରେ ଗଞ୍ଜାମ ପୋଲିସ ଜିଲାର ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ରମେଶ ଚନ୍ଦ୍ର ସେଠୀ, ପି.କେ. ଦଳାଇ ଓ ବିଜୟ କୁମାର ମଲ୍ଲିକ, ଡିଏସପି ସୀମା ସ୍ୱାଇଁ , ଅଜୟ କୁମାର ମିଶ୍ର, ଏସ ପ୍ରଧାନଙ୍କ ସମେତ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ପରିବା ବ୍ୟବସାୟୀ ସଂଘ ବୈଠକ



ବୈଠକରେ ଉପସ୍ଥିତ ଖୁଚୁରା ପରିବା ବ୍ୟବସାୟୀ।

ହିଞ୍ଜିଳିକାଟୁ,୧୭।୯(ଡି.ଏନ୍.ଏ.):

ହିଞ୍ଜିଳିକାଟୁ ପରିବା ବଜାରର ଖୁଚୁରା ପରିବା ବ୍ୟବସାୟୀଙ୍କ ଏକ ବୈଠକ ଘୋଡ଼େଇଶୁଣୀ ମନ୍ଦିର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ୟବସାୟୀ ଅଭିରାମ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଖୁଚୁରା ପରିବା ବିକାଳି ଉପସ୍ଥିତ ଥିଲେ। ସେମାନଙ୍କ ବିଭିନ୍ନ ସମସ୍ୟା ସମାଧାନ, ଉନ୍ନତି, ସୁରକ୍ଷା ସହ ବଜାର ପ୍ରାଙ୍ଗଣରେ ସୁବିଧା ଉପଲବ୍ଧ ନିମନ୍ତେ ଏକ ସଂଘ ଗଠନ କରିବାକୁ ବୈଠକରେ ସହମତି ପ୍ରକାଶ ପାଇଥିଲା। ମହାଲକ୍ଷ୍ମୀ ଖୁଚୁରା ପରିବା ବ୍ୟବସାୟୀ ସଂଘ ଗଠନ ଲାଗି ନିଷ୍ପତ୍ତି ହୋଇଛି। ପିତଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅନୀଲ କୁମାର ମହାପାତ୍ରଙ୍କୁ ସଭାପତି, ପୂର୍ବତନ କାଉନସିଲର ଭିକା ବେହେରା ଉପସଭାପତି, ଟୁନା ଚୌଧୁରୀ ସାଧାରଣ ସମ୍ପାଦକ, ସନ୍ତୋଷ କୁମାର ସାବତଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଛି। କାର୍ଯ୍ୟକାରିଣୀ ସଭ୍ୟ ଭାବେ ପ୍ରତାପ ନାହାକ, ବାବୁ ବେହେରା, ଅଶୋକ କୁମାର ସ୍ୱାଇଁ, ଶ୍ରୀଧର ପଣ୍ଡା, ଦିଲୀପ ସ୍ୱାଇଁ ମନୋନୀତ ହୋଇଛନ୍ତି।

# ବେରୋଜଗାର ଦିବସ ପାଳିଲା କଂଗ୍ରେସ



ଲୋକଙ୍କୁ ଚା' ଦିଆଯାଉଛି।

ଫୁଲବାଣୀ ଅଫିସ, ୧୭।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସକୁ କଂଗ୍ରେସ ରାଷ୍ଟ୍ରୀୟ ବେରୋଜଗାର ଦିବସ ଭାବେ ପାଳନ କରିଛି । ଶୁକ୍ରବାର କନ୍ଧମାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୁବ କଂଗ୍ରେସ ପକ୍ଷରୁ ଚା' ବିକ୍ରି କରାଯାଇ ଦେଶରେ କିପରି ବେରୋଜଗାରୀ ବଢ଼ିଚାଲିଛି ତାହା ଉପରେ ଲୋକଙ୍କୁ କୁହାଯାଇଥିଲା। ରୋଜଗାର ସୃଷ୍ଟି ବର୍ଷକୁ ୨ କୋଟି ନିଯୁକ୍ତି ଦେବାକୁ କହି ନରେନ୍ଦ୍ର ମୋଦୀ ଶାସନକୁ ଆସିଥିଲେ । ପରବର୍ତ୍ତୀ ସମୟରେ ସେ ଏଥିରୁ ଓହରି ଯାଇଛନ୍ତି। ଶିକ୍ଷିତ ଯୁବତୀଯୁବକ ଚା, ପକୁଡ଼ି, ପକୋଡା ବିକିବା ବି ରୋଜଗାର ବୋଲି ଶାସକ ଦଳ ପକ୍ଷରୁ କୁହାଯାଇଥିଲା । ଏହାକୁ ଯୁବ କଂଗ୍ରେସ ଦୃଢ଼ ନିନ୍ଦା କରୁଛି ବୋଲି ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢ଼ୀ କହିଛନ୍ତି। କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସ ସଭାପତି ଅନୁପମ କହଁରଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

### ଟ୍ରାକ୍ଟର ଓଲଟି ୧୬ ଆହତ

କାଶୀନଗର,୧୭।୯(ଡି.ଏନ.ଏ.)

ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ଶୁକ୍ରବାର ଶିଆଳି ଗ୍ରାମ ପଞ୍ଚାୟତ ଅଧୀନ ମାଣ୍ଡିଗୁଡ଼ା ଗ୍ରାମର ୧୬ଜଣ ମହିଳା ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ଅଛନ୍ତି। ମାଣ୍ଡିଗୁଡ଼ା ଗ୍ରାମର ମହିଳାମାନେ ଖୁରିଗାଁକୁ ଧାନ ବିଲରେ ଘାସ ବାଛିବାକୁ ଆସିଥିଲେ। କାମ ସରିଲା ପରେ ସମସ୍ତେ ଏକ ଟ୍ରାକ୍ଟର (ନଂ ଓଆର୨୦ଏ ୦୫୩୫)ରେ ଘରକୁ ଫେରିଲା ବେଳେ ଖୁରିଗାଁଗୁଡା ମୁଖ୍ୟ ରାସ୍ତାରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରି କାଶୀନଗର ମେଡିକାଲରେ ଭର୍ତ୍ତି କରିଥିଲେ। ୨ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ନାବାଳିକାଙ୍କୁ ବଳାତ୍କାର ମାମଲା, ଅଭିଯୁକ୍ତ ଗିରଫ

ହିଞ୍ଜିଳିକାଟୁ,୧୭।୯(ଡି.ଏନ.ଏ.)

ମୁନିଗୁଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ଭୁବନେଶ୍ୱରର ବାହା ହେବାର ଅଭିନୟ କରି ବଳାତ୍କାର ଅଭିଯୋଗ ହୋଇଥିଲା। ନାବାଳିକାଙ୍କ ମା'ଙ୍କ ଏତଲା କ୍ରମେ ହିଞ୍ଜିଳି ପୋଲିସ ଗତ ଅଗଷ୍ଟ ୧୩ରେ ନଂ.୪୨୪/୨୧ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ହିଞ୍ଜିଳିକାଟୁ ପୌରାଞ୍ଚଳ ରଜାତୋଟା ସାହିର ପରଦେଶୀ ବରା। ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି।

# ରାଜ୍ୟସ୍ତରୀୟ କଳାକାର ସମ୍ମିଳନୀ



କଳାକାରମାନେ।

ଛତ୍ରପୁର,୧୭।୯(ଡି.ଏନ୍.ଏ.):

ଛତ୍ରପୁର ବ୍ଲକ ଆଇଆରଇ ଛକ ନିକଟ ଘଡଘଡାପଲ୍ଲୀସ୍ଥିତ ଶ୍ରୀଲକ୍ଷ୍ମୀ ନୃସିଂହ କାମିନି ଦାସୁଜୁ ସତ୍ୟମ ସେବା କଳାକେନ୍ଦ୍ର (ଭାଗବତ ଗାଦି) ପକ୍ଷରୁ ଲକ୍ଷ୍ମୀ ନୃସିଂହ ମନ୍ଦିରର ନୀଳଚକ୍ର ଧ୍ୱଜା ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟସ୍ତରୀୟ କଳାକାର ସମ୍ମିଳନୀ ଆୟୋଜନ ହୋଇଥିଲା । ଏଥିରେ କେନ୍ଦ୍ରର ସଭାପତି ତଥା ନୃତ୍ୟଗୁରୁ ବଡଦାସୁଜୁ ଆର୍.ସତ୍ୟମ ରେଡ୍ଡୀ ଅଧକ୍ଷତା କରିଥିଲେ । ଛତ୍ରପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ମଲ୍ଲିକ ଯୋଗଦେଇ କଳାକାର ଓ କଳାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରର ଉପସଭାପତି ମହେଶ୍ୱର ପ୍ରଧାନ, ସମ୍ପାଦକ ଅଶୋକ ପଣ୍ଡା, ଏସ୍.ବିଶ୍ୱନାଥ ରେଡ୍ଡୀ, ପି ସୁରିବାବୁ, ଏମ୍. ନାରସିମୁଲୁ ରେଡ୍ଡୀଙ୍କ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ କଳାକାର ଯୋଗ ଦେଇଥିଲେ ।

# ଡ୍ରେନ୍ ଉପରୁ ଦୋକାନ ଉଚ୍ଛେଦ ଦାବି

ବୁଗୁଡ଼ା,୧୭।୯(ଡି.ଏନ୍.ଏ.)

ବୁଗୁଡ଼ା ମଦନମୋହନ ଛକ ସହ ସଂଯୁକ୍ତ ହୋଇଥିବା ବାଲିପିଣ୍ଡି ରୋଡ୍‌ରେ ଟ୍ରାଫିକ ସମସ୍ୟା ଏକ ସାଧାରଣ ଘଟଣା ପାଲଟିଛି। ରାସ୍ତାର ଦୁଇ ପାର୍ଶ୍ୱରେ ବେପାରୀମାନେ ବିଭିନ୍ନ ସାମଗ୍ରୀ ବିକ୍ରି କରୁଥିବା ବେଳେ ଜନୈକ ଅମାନିଆ ବ୍ୟବସାୟୀ ଡ୍ରେନ୍ ଉପରେ ଫଳ ଦୋକାନ କରି ଗହଳି କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି। ଦୀର୍ଘଦିନ ହେଲା ଏଭଳି ସମସ୍ୟା ଲାଗି ରହିଥିଲେ ହେଁ ସ୍ଥାନୀୟ ପ୍ରଶାସନ ଏହାର ପ୍ରତିକାର କରୁନାହିଁ। ଫଳରେ ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବାଲିପିଣ୍ଡି ଅଞ୍ଚଳବାସୀ ଟ୍ରାଫିକ୍ ସମସ୍ୟାରୁ ବର୍ତ୍ତିବା ପାଇଁ ଅରବିନ୍ଦ ନଗର ଓ ପଞ୍ଜାଗଳି ଦେଇ ମୁଖ୍ୟ ସଡ଼କରେ ପହଞ୍ଚିବା ଭଳି ପନ୍ଥା ଆପଣାଇବାକୁ ଉଚିତ ମଣୁଛନ୍ତି। ଏ ନେଇ ଶୁକ୍ରବାର କିଛି ବ୍ୟବସାୟୀ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ଭଞ୍ଜନଗର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ପ୍ରକାରେ, ଜଣେ ଫଳ ଦୋକାନୀ ଓ ତାଙ୍କ ପୁଅ ସେମାନଙ୍କ ଜାଗାରେ କରିଥିବା ଫଳ ଦୋକାନକୁ ଡ୍ରେନ୍ ପର୍ଯ୍ୟନ୍ତ ବଢ଼ାଇ ତାହା ଉପରେ ଦୋକାନ ଘର ତିଆରି କରିଥିବାରୁ ଗ୍ରାହକମାନେ ଜିନିଷ କିଣିବାକୁ ଆସିଲେ ସେମାନଙ୍କ ସାଇକେଲ କିମ୍ବା ବାଇକ୍‌କୁ ଅନ୍ୟ ଦୋକାନ ସମ୍ମୁଖରେ ରଖୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ବ୍ୟବସାୟୀମାନେ ଏହାର ପ୍ରତିବାଦ କଲେ ବାପପୁଅ ସେମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ତେଣୁ ଡ୍ରେନ୍ ଉପରୁ ଫଳ ଦୋକାନକୁ ହଟାଇ ଟ୍ରାଫିକ୍ ସମସ୍ୟା ଦୂର କରିବାକୁ ସେମାନେ ଦାବି କରିଛନ୍ତି। ତେବେ ଏ ନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାସଙ୍କୁ ପଚାରିବାରେ ଶୀଘ୍ର ଡିମାରକେସନ୍ କରାଯାଇ ଡ୍ରେନ୍ ଉପରୁ ଦୋକାନକୁ ଉଚ୍ଛେଦ ସହ ସେଠାକାର ଟ୍ରାଫିକ୍ ସମସ୍ୟା ଦୂର କରାଯିବ ବୋଲି ସେ କହିଥିଲେ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

## ହତ୍ୟା ସନ୍ଦେହରେ ସ୍ୱାମୀ ଅଟକ

କବିସୂର୍ଯ୍ୟନଗର,୧୭।୯(ଡି.ଏନ୍.ଏ.)

କବିସୂର୍ଯ୍ୟନଗର ଥାନା ଗୁଡ଼ିଆଳି ଗ୍ରାମର ଏସ୍. ମହେନ୍ଦ୍ର ରେଡ୍ଡୀଙ୍କ ସ୍ତ୍ରୀ ରଙ୍ଗବତୀ (୨୦)ଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ଝାଡ଼ବାଇ ଗ୍ରାମର ରଙ୍ଗବତୀଙ୍କ ଗୁଡ଼ିଆଳିର ମହେନ୍ଦ୍ରଙ୍କ ସହ ବିବାହ ହୋଇଥିଲା। ପାରିବାରିକ କଳହକୁ କେନ୍ଦ୍ର କରି ପୂର୍ବରୁ ରଙ୍ଗବତୀଙ୍କୁ ମହେନ୍ଦ୍ର ମାରପିଟ୍ କରୁଥିଲେ ଏବଂ ନିଜ ଗ୍ରାମକୁ ଯିବା ଲାଗି କହୁଥିଲେ। ଗୁରୁବାର ରାତିରେ ମଧ ମହେନ୍ଦ୍ର ରଙ୍ଗବତୀଙ୍କୁ ମାରପିଟ କରିଥିବା ନେଇ ରଙ୍ଗବତୀ ବାପଘର ଲୋକଙ୍କୁ ଜଣାଇଥିଲେ। ଶୁକ୍ରବାର ସକାଳୁ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିବା ବେଳେ ଝିଅକୁ ହତ୍ୟା କରାଯାଇଥିବା ନେଇ ବାପଘର ପକ୍ଷରୁ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା। କବିସୂର୍ଯ୍ୟନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆସିକା ମେଡିକାଲକୁ ପଠାଇଥିଲା। ପରିବାର ଲୋକଙ୍କ ହତ୍ୟା ଏତଲା କ୍ରମେ ରଙ୍ଗବତୀଙ୍କ ସ୍ୱାମୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ଆଇନ ସେବା ପ୍ରାଧିକରଣ ତରଫରୁ ସଚେତନତା

ପାରଳାଖେମୁଣ୍ଡି,୧୭।୯(ଡି.ଏନ୍.ଏ.)

ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ଗୁମ୍ମା ବ୍ଲକର ଲିଙ୍ଗା ଗ୍ରାମରେ ଏକ ସ୍ୱତନ୍ତ୍ର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାଧାକରଣ ସଚିବ ବ୍ୟୋମକେଶ ନାୟକ ଯୋଗଦେଇ ପ୍ରାଧିକରଣ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ବିଷୟରେ ସଚେତନ କରାଇଥିଲେ। ଯେଉଁ ଯୋଗ୍ୟ ହିତାଧିକାରୀମାନେ ସରକାରଙ୍କ ବିଭିନ୍ନ ଯୋଜନା ପାଇବାରୁ ବଞ୍ଚିତ ହେଲେ, ତୁରନ୍ତ ଆଇନ ସେବା ପ୍ରାଧିକରଣଙ୍କ କାର୍ଯ୍ୟାଳୟକୁ ଆସି ଉଚିତ ଆଇନ ସେବା ପାଇବା ପାଇଁ ଆବେଦନ କରନ୍ତୁ ବୋଲି ନାୟକ କହିଥିଲେ। ଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ନଟବର ଗରାଡ, ଗୁମ୍ମା ତହସିଲଦାର ଭାସ୍କର ଚନ୍ଦ୍ର ସାହୁ, ଗୁମ୍ମା ସରପଞ୍ଚ ୟୁସ୍‌ଲେସ ମଣ୍ଡଳ ଓ ସ୍ଥାନୀୟ ପୋଲିସ ଅଧିକାରୀ ଯୋଗ ଦେଇଥିଲେ।

# ଟାଏକୋଣ୍ଡୋ ବେଲ୍ଟ ବିତରଣ



ପ୍ରତିଯୋଗୀମାନେ।

ଛତ୍ରପୁର,୧୭।୯(ଡି.ଏନ୍.ଏ.)

ମାଧପୁରସ୍ଥିତ ଗଞ୍ଜାମ ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ବେଲ୍ଟ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗଞ୍ଜାମ ଟାଏକୋଣ୍ଡୋ ଏକାଡେମୀ ମୁଖ୍ୟ କୋଚ ଇ. ଲଳିତ କୁମାର ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏକାଡେମୀର ସବୁ ବର୍ଗର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସେମାନଙ୍କୁ ବେଲ୍ଟ ସହ ସାର୍ଟିଫିକେଟ ଦିଆଯାଇଛି। ମୁଖ୍ୟ ଅତିଥି ଗଞ୍ଜାମ ଟାଏକୋଣ୍ଡୋ ଏକାଡ଼େମୀର ସଭାପତି ଅରୁଣ ରାଉଳଙ୍କ ସମେତ ଶ୍ୟାମା କାଳୀ ୟୁଥ କ୍ଲବର ସଭାପତି ଏସ. ଯୁଧିଷ୍ଠିର ରେଡ୍ଡୀ, ସମ୍ପାଦକ ରଘୁନାଥ ବେହେରାଙ୍କ ସହ ମହେନ୍ଦ୍ର ଗୌଡ, ଦିଲୀପ ବେହେରା, ଶିବ ରଞ୍ଜନ ସାହୁ, ପଦ୍ମଲାଭ ସାହୁ, ରଞ୍ଜିତ ରାଉଳ, ଟି. ତରକେଶ୍ୱର ରେଡ୍ଡୀଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀଙ୍କୁ ବେଲ୍ଟ ସହ ସାର୍ଟିଫିକେଟ ଦିଆଯାଇଥିଲା। ଏହି ଖେଳାଳୀମାନେ ଜିଲା, ରାଜ୍ୟ ଓ ଜାତୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ମୁଖ୍ୟ କୋଚ କହିଛନ୍ତି।

